# NATIONAL NEWS BULLETIN (ODIA)

## 22 June - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଜନସାଧାରଣଙ୍କ ବିଶ୍ୱାସ ହିଁ ସୁ-ଶାସନର ସର୍ବୋତ୍ତମ ସମ୍ପତ୍ତି, କହିଲେ ପ୍ରଧାନମନ୍ତ୍ରୀ ।
- ଷୋଡ଼ଶ ବ୍ରିକ୍ସ ଜାତୀୟ ସୁରକ୍ଷା ପରାମର୍ଶଦାତା ସମ୍ମିଳନୀ ଆଜିଠାରୁ ଆରମ୍ଭ ହେଲା ନୂଆଦିଲ୍ଲୀରେ ।
- ଉତ୍ତରପ୍ରଦେଶର ଏକ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ଯୋଗୁଁ ୧୪ ଶିକ୍ଷାର୍ଥୀଙ୍କର ମୃତ୍ୟୁ ।
- ଭାରତ-ମଙ୍ଗୋଲିଆ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଲାଗି ସେମାନଙ୍କର ପ୍ରତିବଦ୍ଧତା ଦୋହରାଇଲେ ଉଭୟ ଦେଶ ବୈଦେଶିକ ମନ୍ତ୍ରୀ ।

ଏବଂ

- ନିଜ ପଦବୀରୁ ଇସ୍ତଫା ଦେବା ପାଇଁ ଘୋଷଣା କଲେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ।

# ପିଏମ୍-ଗୋୟଲ ଆର୍ଟିକିଲ୍

ଜନସାଧାରଣଙ୍କ ବିଶ୍ୱାସ ହିଁ ସୁ-ଶାସନର ସର୍ବୋତ୍ତମ ସମ୍ପତ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କର ଏକ ଲେଖାକୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେୟାର କରି ଶ୍ରୀ ମୋଦୀ କହିଛନ୍ତି, ଗତ ୧୨ ବର୍ଷ ଧରି କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ଶାସନ ଓ ପ୍ରଶାସନ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଅଧିକ ସୁଦୃଢ଼ ହୋଇପାରିଛି । ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ମାଧ୍ୟମରେ ଲକ୍ଷ ଲକ୍ଷ ନାଗରିକଙ୍କର ଜୀବନ ଅଧିକ ସୁଗମ, ସୁରକ୍ଷିତ ତଥା ସମ୍ମାନ ଜନକ ସ୍ଥିତିରେ ପହଞ୍ଚି ପାରିଛି ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ଧରି ଦେଶର ଜନସାଧାରଣ, ବିଶେଷ କରି ଗରିବବର୍ଗ ଲୋକଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସରକାରଙ୍କ ସଫଳତା, ସୁ-ଶାସନ ତଥା ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ଏହି ଲେଖାଟି ଶ୍ରୀ ଗୋୟଲ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ ।

# ବ୍ରିକ୍ସ-ଏନ୍‌ଏସ୍‌ଏ ମିଟିଂ

ନୂଆଦିଲ୍ଲୀରେ ଆଜିଠାରୁ ଷୋଡ଼ଶ ବ୍ରିକ୍ସ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଦୁଇଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍‌ଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଏହି ସମ୍ମିଳନୀରେ ୧୧ଟି ଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତାମାନେ ଯୋଗଦେଇଛନ୍ତି । ସେହି ଦେଶଗୁଡ଼ିକ ହେଉଛି ବ୍ରାଜିଲ, ଚୀନ୍, ଇଜିପ୍ଟ, ଇଥୋଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷ, ସାଉଦିଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ । ସମ୍ମିଳନୀରେ ଆଜିର ବିଶ୍ୱରେ ଦେଖାଦେଉଥିବା ଅଣପାରମ୍ପରିକ ସୁରକ୍ଷା ଆହ୍ୱାନଗୁଡ଼ିକ ବିଷୟରେ ଆଲୋଚନା କରାଯାଇ ଏହାକୁ ପ୍ରତିହତ କରିବା ଦିଗରେ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସଂପର୍କରେ ଆଲୋକପାତ କରାଯିବ । ବିଭିନ୍ନ ଦେଶର ପ୍ରତିନିଧିମାନେ ସାଇବର ସୁରକ୍ଷା, ଡିଜିଟାଲ ଆହ୍ୱାନ ଏବଂ କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଆହ୍ୱାନଗୁଡ଼ିକ ଉପରେ ବିସ୍ତୃତ ଭାବେ ମତ ବିନିମୟ କରିବେ । କିଛିଦିନ ପୂର୍ବରୁ ବ୍ରିକ୍ସ ଯୁଗ୍ମ କାର୍ଯ୍ୟକାରୀ ଗୋଷ୍ଠୀ ପକ୍ଷରୁ ଆତଙ୍କବାଦ ବିରୋଧୀ ଓ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନା ପୃଷ୍ଠଭୂମିରେ ଗ୍ରହଣ କରାଯାଇଥିବା ପ୍ରସଙ୍ଗଗୁଡ଼ିକ ନେଇ ମତ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ।

ଏହି ବ୍ରିକ୍ସ ସମ୍ମିଳନୀ ଅବସରରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଡୋଭାଲ୍ ଆଜି ନୂଆଦିଲ୍ଲୀଠାରେ ଇରାନ୍‌ର ପ୍ରତିରକ୍ଷା ବ୍ୟାପାର ଉପସଚିବ ଘାଦିର୍ ନେଜାମିପୋର୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତିର ଅଗ୍ରଗତି ସମ୍ପର୍କରେ ଉଭୟ ପକ୍ଷ ଏହି ଅବସରରେ ସମୀକ୍ଷା କରିବା ସହିତ ବ୍ରିକ୍ସ ମଞ୍ଚ  ଏବଂ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ଦ୍ୱିପକ୍ଷିୟ ସମ୍ପର୍କ ଅଧୀନରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହାଛଡ଼ା ଶ୍ରୀ ଡୋଭାଲ୍ ଇଥିଓପିଆର ଜାତୀୟ ଗୁଇନ୍ଦା ଏବଂ ସୁରକ୍ଷା ସେବାର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ମିଲିୟନ୍ ଲେମା ଟାଡେସେଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବିଶେଷ କରି ଭାରତ-ଇଥିଓପିଆ ରଣନୈତିକ ଭାଗିଦାରିକୁ ଅଧିକ ସୁଦୃଢ଼ କରିବା ସହିତ ବିଭିନ୍ନ କ୍ଷେତ୍ରରେ ସଯୋଗକୁ ସଶକ୍ତ କରିବା ଉପରେ ଉଭୟ ପକ୍ଷ ସମ୍ମତି ପ୍ରଦାନ କରିଛନ୍ତି ।

## ସିଆଇଏସ୍ଏଫ୍

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ – ସି.ଆଇ.ଏସ୍.ଏଫ୍. କର୍ମଚାରୀମାନେ ଦେଶର ଅର୍ଥନୈତିକ ସୈନିକ ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବନ୍ଦି ସଞ୍ଜୟ କୁମାର ମତବ୍ୟକ୍ତ କରିଛନ୍ତି । ଆଜି ନୂଆଦିଲ୍ଲୀ ସ୍ଥିତ

ସି.ଆଇ.ଏସ୍.ଏଫ୍.ର ନୂତନ ମୁଖ୍ୟାଳୟ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ କୁମାର ଦେଶର ବିକାଶ ଦିଗରେ ଏହି ସୁରକ୍ଷା ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି କହିଛନ୍ତି, ଦେଶର ଅଭିବୃଦ୍ଧି ସୁରକ୍ଷିତ ରଖିବା ଦିଗରେ ସି.ଆଇ.ଏସ୍.ଏଫ୍. ଯବାନମାନଙ୍କ ଅବଦାନ ଅତୁଳନୀୟ । କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀର କଲ୍ୟାଣ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଅନେକ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି । ଏହି ଅବସରରେ ଶ୍ରୀ କୁମାର ସି.ଆଇ.ଏସ୍.ଏଫ୍. ଲାଗି ୧୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ତଥା ଲୋକାର୍ପଣ କରିଛନ୍ତି । ସି.ଆଇ.ଏସ୍.ଏଫ୍.ର ଏହି ନୂତନ ମୁଖ୍ୟାଳୟଟି ୭୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଛି ।

## ରାଜନାଥ-ଇସ୍ରାଏଲ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀଠାରେ ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ମେଜର ଜେନେରାଲ୍ ଅମିର୍ ବାରାମ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହି

ଆଲୋଚନା ସମୟରେ ଭାରତ-ଇସ୍ରାଏଲ୍ ପ୍ରତିରକ୍ଷା ସହଯୋଗକୁ ଅଧିକ ସମ୍ପ୍ରସାରିତ କରିବା ଦିଗରେ ଇସ୍ରାଏଲ୍‌ର ପ୍ରତିବଦ୍ଧତା ସମ୍ପର୍କରେ ଶ୍ରୀ ବାରାମ୍ ସୂଚନା ଦେଇଛନ୍ତି । ଦୁଇ ଦେଶ ମଧ୍ୟରେ ଥିବା ସ୍ୱତନ୍ତ୍ର ରଣନୈତିକ ଭାଗିଦାରିକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ପକ୍ଷ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଏହି ବୈଠକରେ ସୂଚନା ମିଳିଛି ।

## ଲକ୍ଷ୍ନୌ-ଫାୟାର୍

ଉତ୍ତରପ୍ରଦେଶର ଲକ୍ଷ୍ନୌ ସହର ଅନ୍ତର୍ଗତ ଆଲିଗଞ୍ଜ ପୁରାନିୟା ଅଞ୍ଚଳରେ ଥିବା ଏକ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ଯୋଗୁଁ ପ୍ରାୟ ୧୪ ଜଣ ଶିକ୍ଷାର୍ଥୀଙ୍କର ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ।

ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଉପ-ମୁଖ୍ୟମନ୍ତ୍ରୀ ବ୍ରଜେଶ୍ ପାଠକ କହିଛନ୍ତି, ମୃତ ଛାତ୍ରଛାତ୍ରୀମାନଙ୍କର ବୟସ ୧୬ରୁ ୧୮ ବର୍ଷ ମଧ୍ୟରେ ହେବ । ସେଠାରେ ଜିଲ୍ଲା ପ୍ରଶାସନର ଅଧିକାରୀ ତଥା ପୋଲିସ୍ କର୍ମଚାରୀ ଓ ଦମକଳ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏ ସମ୍ପର୍କରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଏବଂ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରିଛନ୍ତି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତଦାରଖ କରିବା ସହିତ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହି ଦୁର୍ଘଟଣାର ଦୋଷୀମାନଙ୍କୁ କଦାପି ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ନିଜର ଆଲିଗଡ଼ ଓ ଫିରୋଜାବାଦ ଜିଲ୍ଲା ଗସ୍ତକୁ ଅଧାରୁ ବନ୍ଦ ରଖି ମୁଖ୍ୟମନ୍ତ୍ରୀ ଅଗ୍ନିକାଣ୍ଡ ସମ୍ପର୍କରେ ତଦାରଖ କରିବା ଲାଗି ତୁରନ୍ତ ଲକ୍ଷ୍ନୌ ପ୍ରତ୍ୟାବର୍ତ୍ତନ କରିଥିବା ଜଣାଯାଇଛି ।

ଏହି ଅଗ୍ନିକାଣ୍ଡ ଯୋଗୁଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏଥିଲାଗି ଶୋକ ପ୍ରକାଶ କରିଛନ୍ତି । ଏଥିସହ ମୃତକଙ୍କ ଆତ୍ମୀୟ ସ୍ୱଜନଙ୍କ ଲାଗି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଚିକିତ୍ସା ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଶ୍ରୀ ମୋଦୀ ଘୋଷଣା କରିଛନ୍ତି ।

# ଜୟଶଙ୍କର-ମଙ୍ଗୋଲିୟା

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ଉଲାନ୍‌ବାତାର୍‌ଠାରେ ତାଙ୍କର ମଙ୍ଗୋଲିୟା ପ୍ରତିପକ୍ଷ ବତ୍‌ସେତ୍-ସେଗ୍ ବାଟମୁଙ୍ଖଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ-ମଙ୍ଗୋଲିୟା ରଣନୈତିକ ଭାଗିଦାରିକୁ ଅଧିକ ସଶକ୍ତ ତଥା ପ୍ରତିଜ୍ଞାବଦ୍ଧ କରିବା ଦିଗରେ ତାଙ୍କର ଏହି ଆଲୋଚନା ସହାୟକ ହେବ । ଏହି ଅବସରରେ ଉଭୟ ନେତା କ୍ଷମତା ନିର୍ମାଣ, ସଂସ୍କୃତି, ଶିକ୍ଷା, ସୁରକ୍ଷା, ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପ କ୍ଷେତ୍ରରେ ଦ୍ୱିପକ୍ଷିୟ ସହଯୋଗର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି ।

ଏତଦ୍‌ବ୍ୟତୀତ ଖଣି ଖନନ, ସ୍ୱଚ୍ଛ ଶକ୍ତି ଏବଂ କୃଷି ଭିତ୍ତିକ ପ୍ରକ୍ରିୟାକରଣ ଭଳି କେତେକ ପ୍ରସଙ୍ଗ ଉପରେ ମଧ୍ୟ ଉଭୟ ବୈଦେଶିକ ମନ୍ତ୍ରୀ ମତବିନିମୟ କରିଛନ୍ତି । ଡକ୍ଟର ଜୟଶଙ୍କର ମଙ୍ଗୋଲିୟା ଗସ୍ତ ଶେଷ କରି ଦକ୍ଷିଣ କୋରିଆ ଯିବେ । ସେଠାରେ ସେ ଜେଜୁଠାରେ ଆସନ୍ତା ଗୁରୁବାର ଦିନ ଅନୁଷ୍ଠିତ ହେବାକୁ ଥିବା ଶାନ୍ତି ଓ ସମୃଦ୍ଧି ଲାଗି ସମ୍ମିଳନୀରେ ନିଜର ଅଭିଭାଷଣ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି । ଏହାଛଡ଼ା ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର ଦକ୍ଷିଣ କୋରିଆ ପ୍ରତିପକ୍ଷ ଚୋ ହ୍ୟୁନ୍‌ଙ୍କ ସହ ମଧ୍ୟ ସାକ୍ଷତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଶାହା-ପୋର୍ଟାଲ୍ ଲଞ୍ଚ୍

କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ନୂଆଦିଲ୍ଲୀଠାରେ ଭାରତର ଜାତୀୟ କୃଷି ସମବାୟ ବିପଣନ ସଂଘ – ନାଫେଡ୍‌ର ନିଲାମ୍ ପୋର୍ଟାଲ୍‌ର ଶୁଭାରମ୍ଭ କରିବେ । ନିଲାମ ପ୍ରକ୍ରିୟାକୁ ଅଧିକ ସଶକ୍ତ ଏବଂ ସ୍ୱଚ୍ଛ ତଥା ଏଥିରେ ପାରଦର୍ଶିତା ଆଣିବାରେ ଏହି ପୋର୍ଟାଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ବିଶେଷ କରି କୃଷକ, ସଦସ୍ୟ ସଂଗଠନ ତଥା ଅଂଶିଦାରମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଡିଜିଟାଲ୍ ପ୍ଲାଟ୍‌ଫର୍ମ ନିଲାମ ସମ୍ପର୍କିତ କାର୍ଯ୍ୟକଳାପ ତଥା ନାଫେଡ୍‌ର ସାମଗ୍ରୀକ କାର୍ଯ୍ୟଶୈଳୀକୁ ସୁ-ସଂହତ କରାଯାଇପାରିବ ।

ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ ଶ୍ରୀ ଶାହା ଏହି ଅବସରରେ ନାଫେଡ୍‌ର କେତେକ କୃଷି କୈନ୍ଦ୍ରିକ ତଥା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ପଦକ୍ଷେପର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ସେଥିମଧ୍ୟରେ କୃଷକମାନଙ୍କର ସନ୍ତାନସନ୍ତତିମାନଙ୍କ ଲାଗି ନାଫେଡ୍ କଲ୍ୟାଣ ବୃତ୍ତି ଯୋଜନା, ଡାଲି ଏବଂ ତୈଳବୀଜ ଶସ୍ୟର ପରିଚାଳନା ଲାଗି ଦୃଷ୍ଟିପୋର୍ଟାଲ୍ ଆଦି ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର 'ସହକାର୍ ସେ ସମୃଦ୍ଧି' ଦୃଷ୍ଟିକୋଣ ଅନୁଯାୟୀ ଏବଂ ଆଧୁନିକ ଜ୍ଞାନକୌଶଳ ଓ କୃଷିକ କୈନ୍ଦ୍ରିକ ସଂସ୍କାର ମୂଳକ ସ୍ୱଚ୍ଛ ପଦକ୍ଷେପ ମାଧ୍ୟମରେ ସମବାୟ ସଂଗଠନଗୁଡ଼ିକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ

ଏହି ଡିଜିଟାଲ୍ ତଥା କଲ୍ୟାଣ ମୂଳକ ପଦକ୍ଷେପର ଶୁଭାରମ୍ଭ କରାଯାଉଛି ବୋଲି ମନ୍ତ୍ରଣାଳୟ କହିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରଚାର କରାଯିବ । ଆଜିର ବିଷୟବସ୍ତୁ ରହିଛି – **ଯୁବପିଢ଼ି ପାଇଁ ନିଯୁକ୍ତି ସୁଯୋଗ –ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ।** କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ଅତିରିକ୍ତ କେନ୍ଦ୍ରୀୟ କମିଶନର ପୂର୍ଣ୍ଣେନ୍ଦୁ ଭୂଷଣ ବର୍ମା ଏବଂ ଆଞ୍ଚଳିକ କମିଶନର ପ୍ରନୀତ ଯୋଶୀ ଏହି ଆଲୋଚନାରେ ଅଂଶ ଗ୍ରହଣ କରି ଶ୍ରୋତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଷ୍ଟାର୍ମର୍-ରିଜାଇନ୍

ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ ନିଜ ପଦବୀରୁ ଇସ୍ତଫା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ଏଥିସହିତ ସେ ଲେବର ପାର୍ଟିର ନେତା ପଦରୁ ମଧ୍ୟ ଇସ୍ତଫା ଦେବେ ବୋଲି କହିଛନ୍ତି । ନିଜର ଇସ୍ତଫା ପ୍ରଦାନ ସମ୍ପର୍କିତ ବିବୃତ୍ତି ଜାରି କରିବା ପୂର୍ବରୁ ଷ୍ଟାର୍ମର୍ ଦମ୍ପତ୍ତି ଟେନ୍ ଡାଉନିଂ ଷ୍ଟ୍ରିଟ୍‌ରେ ଥିବା ନିଜର ସରକାରୀ ବାସଭବନରୁ ବିଦାୟ ନେଇଥିବା ଜଣାଯାଇଛି ।